# NATIONAL NEWS BULLETIN (ODIA)

## 24 January - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ସରକାରୀ ବିଭାଗ ଓ ସଂସ୍ଥାରେ ନବନିଯୁକ୍ତ ୬୧ ହଜାରରୁ ଅଧିକ ଯୁବବର୍ଗଙ୍କୁ ଆଜି ନିଯୁକ୍ତିପତ୍ର ବଣ୍ଟନ କରିବେ ପ୍ରଧାନମନ୍ତ୍ରୀ ।
- ୭୭ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ହେବ ଦେଶର ସାଂସ୍କୃତିକ ଓ ସାମରିକ ଐତିହ୍ୟର ଅନନ୍ୟ ପ୍ରଦର୍ଶନୀ ।
- ରାଷ୍ଟ୍ରପତି ଭବନରେ ୫୦ ହଜାର ପାଣ୍ଡୁଲିପି ସମ୍ବଳିତ ଗ୍ରନ୍ଥ କୁଟିର ଉଦ୍‌ଘାଟିତ ।
- ପାକିସ୍ତାନରେ ଏକ ବିବାହ ଭୋଜିରେ ଆତ୍ମଘାତି ବିସ୍ଫୋରଣରେ ୭ ଜଣ ମୃତ, ୨୫ ଆହତ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଜି ଅନୁଷ୍ଠିତ ହେବ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ।

# ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ମାଧ୍ୟମରେ ଅଷ୍ଟାଦଶ ରୋଜଗାର ମେଳାରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂସ୍ଥା ପାଇଁ ନୂତନ ଭାବେ ନିଯୁକ୍ତି ପାଇଥିବା ୬୧ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଏହି ଅବସରରେ ସେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଦେଶର ୪୫ଟି ସ୍ଥାନରେ ଏହି ରୋଜଗାର ମେଳାର ଆୟୋଜନ କରାଯାଇଛି ।

ନୂତନ ଭାବେ ନିଯୁକ୍ତି ପ୍ରାପ୍ତ ପ୍ରାର୍ଥୀମାନେ ଗୃହ ବିଭାଗ, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ଆର୍ଥିକ ସେବା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଅନ୍ୟାନ୍ୟ ବିଭାଗରେ ନିଯୁକ୍ତି ପାଇବେ । ରୋଜଗାର ମେଳା ହେଉଛି – ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ ଏବଂ ଦେଶରେ ନିଯୁକ୍ତି ସୃଷ୍ଟି କରିବା ଏହାର ଲକ୍ଷ୍ୟ ରହିଛି । ଏହି ପଦକ୍ଷେପ ଆରମ୍ଭ ହେବା ପରଠାରୁ ରୋଜଗାର ମେଳା ମାଧ୍ୟମରେ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି ।

# ଡବ୍ଲ୍ୟୁବି-ସିଇଓ ଏସ୍‌ଆଇଆର୍

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆଗେଇ ଚାଲିଥିବା ବେଳେ ଶୁଣାଣି ପର୍ଯ୍ୟାୟରେ କୌଣସି ପ୍ରକାରର ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ତୁରନ୍ତ ଏତଲା ଦାଏର ଲାଗି ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶମାନାରେ କୁହାଯାଇଛି, ଆବଶ୍ୟକ ପଡ଼ିଲେ ଏସ୍.ଆଇ.ଆର୍. ଶୁଣାଣି ପ୍ରିକ୍ରିୟାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯିବ । ଗତ ୧୯ ତାରିଖରେ ସୁପ୍ରିମ୍‌କୋର୍ଟ୍‌ଙ୍କ ନିର୍ଦ୍ଦେଶାବଳୀକୁ ଆଧାର କରି ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀ ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି ।

ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ମାଧ୍ୟମରେ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଯଦି ଏସ୍.ଆଇ.ଆର୍. ପ୍ରକ୍ରିୟାର ଶୁଣାଣି କେନ୍ଦ୍ର କିମ୍ବା ସମ୍ପର୍କିତ ସରକାରୀ କାର୍ଯ୍ୟାଳୟରେ କୌଣସି ପ୍ରକାରର ଭୟ, ଆକ୍ରମଣ କିମ୍ବା ବେଆଇନ୍ କାର୍ଯ୍ୟକଳାପ ଦୃଷ୍ଟିକୁ ଆସେ ତେବେ କାଳବିଳମ୍ବ ନ କରି ସ୍ଥାନୀୟ ଥାନାରେ ଏତଲା ଦାଏର କରାଯିବ । ସେହି ଏତଲାର ଏକ କପି ପୋଲିସ୍ ଅଧିକ୍ଷକ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ସେହି ପତ୍ରରେ କୁହାଯାଇଛି, କୌଣସି ପ୍ରକାର ବେଆଇନ୍ ପରିସ୍ଥିତି ଉପୁଜିଲେ ସମ୍ପୃକ୍ତ କେନ୍ଦ୍ରରେ ଶୁଣାଣି ପ୍ରକ୍ରିୟାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯିବ ।

# ରିପବ୍ଲିକ୍ ଡେ

ଆସନ୍ତା ୨୬ ତାରିଖ ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ହେବାକୁଥିବା ପରେଡ୍ ଲାଗି ପ୍ରସ୍ତୁତି କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ଏହି ପରେଡ୍‌ରେ ଦେଶର ସାଂସ୍କୃତିକ ଓ ସାମରିକ ଐତହ୍ୟର ଅନନ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହେବ ।

ସୁରକ୍ଷାବଳର ବିଭିନ୍ନ କଣ୍ଟିଜେଣ୍ଟ ପକ୍ଷରୁ ମାର୍ଚ୍ଚିଂ ସହ ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ଼ଗୁଡ଼ିକ କର୍ତ୍ତବ୍ୟପଥରେ ସେମାନଙ୍କ ସାଂସ୍କୃତିକ ବିବିଧତାର ଦୃଢ଼ତା ପ୍ରଦର୍ଶନ କରିବେ । ଗତକାଲି ବର୍ଷା ସତ୍ତ୍ୱେ କର୍ତ୍ତବ୍ୟପଥରେ ପରେଡ୍‌ର ସମ୍ପୂର୍ଣ୍ଣ ଅଭ୍ୟାସ ପ୍ରଦର୍ଶନ କରାଯାଇଥିଲା । ଗଣମାଧମକୁ ସୂଚନା ଦେଇ ଚିଫ୍ ଅଫ୍ ଷ୍ଟାପ୍ ମେଜର ଜେନେରାଲ୍ ନବରାଜ ଧିଲୋଁ କହିଛନ୍ତି, ଚଳିତ ସାଧାରଣତନ୍ତ୍ର ଦିବସରେ ଭାରତୀୟ ସେନା ପକ୍ଷରୁ ଅପରେସନ୍ ସିନ୍ଦୂରରେ ବିଜୟବାର୍ତ୍ତା ବହନ କରୁଥିବା ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ସହ ଏଥିରେ ତିନି ସେନାର ମିଳିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଝଲକ ପ୍ରଦର୍ଶନ କରିବ ।

ସେ କହିଛନ୍ତି, ଭାରତୀୟ ସେନା ଏହି ପ୍ରଦର୍ଶନୀ ଜାରିଆରେ ଯୁଦ୍ଧ ଟ୍ୟାଙ୍କ୍, କ୍ଷେପଣାସ୍ତ୍ର ବ୍ୟବସ୍ଥା, ଡ୍ରୋନ୍ ଏବଂ ସାମରିକ ମଞ୍ଚ ଉପସ୍ଥାପନ କରିବେ । ଲେଫ୍ଟନାଣ୍ଟ ଜେନେରାଲ୍ ଭବନିଶ କୁମାର ଚତୁର୍ଥଥର ଲାଗି

ସେନା ପରେଡ୍‌ର ନେତୃତ୍ୱ ନେବେ । ସେ କହିଛନ୍ତି, ଏହି ପରେଡ୍‌ରେ ସେନାର ୬ ହଜାର ୫୦ ଜଣ ଯବାନ ଓ କର୍ମଚାରୀ ଅଂଶଗ୍ରହଣ କରିବେ । ପ୍ରଥମଥର ଲାଗି ପରେଡ୍‌ରେ ଲଦାଖ ସ୍କାଉଟସ୍ ଓ ଶକ୍ତିବାନ ରେଜିମେଣ୍ଟ ଅଂଶଗ୍ରହଣ କରିବେ ।

**V/O-Byte-1**

ଏୟାର୍ କମୋଡର୍ ମନିସ୍ ସବରୱାଲ୍ କହିଛନ୍ତି, ପ୍ରଜ୍ଞାପନ ମେଢ଼ରେ ଅପରେସନ୍ ସିନ୍ଦୂର ସମ୍ପର୍କିତ ସୁଖୋଇ-୩୦ ବିମାନରୁ ବ୍ରହ୍ମୋସ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣର ପ୍ରତୀକାତ୍ମକ ପ୍ରଦର୍ଶନ କରାଯିବ । ଏହା ପାକିସ୍ତାନର ବିମାନଘାଟିକୁ ଅପରେସନ୍ ସିନ୍ଦୂର ସମୟରେ ଧ୍ୱଂସ କରିଥିଲେ । ୭୭ତମ ସାଧାରଣତନ୍ତ୍ର ଦିବସ ଦିନ ଲୋକମାନେ ଯେଭଳି ସହଜରେ କର୍ତ୍ତବ୍ୟପଥରେ ପହଞ୍ଚିପାରିବେ ସେଥିଲାଗି ଦିଲ୍ଲୀ ମେଟ୍ରୋର ସମସ୍ତ ରୁଟ୍‌ରେ ସକାଳ ୩ଟା ସମୟରେ ସେବା ଆରମ୍ଭ କରାଯିବ ।

# ପ୍ରେଜ୍-ଗ୍ରନ୍ଥ କୁଟିର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ରାଷ୍ଟ୍ରପତି ଭବନରେ ଗ୍ରନ୍ଥ କୁଟିର ଉଦ୍‌ଘାଟନ କରିଛନ୍ତି । ଏହି କୁଟିରରେ ପ୍ରାୟ ୫୦ ହଜାର ପାଣ୍ଡୁଲିପି ରହିଥିବା ବେଳେ ୧୧ଟି ଭାରତୀୟ ଭାଷାର ୨ହଜାର ୩୦୦ଟି

ପୁସ୍ତକ ରହିଛି । ସେହିସବୁ ପୁସ୍ତକ ମଧ୍ୟରେ ପୁରାତନ ପୌରାଣିକ ପୁସ୍ତକଠାରୁ ଆରମ୍ଭ କରି ଦର୍ଶନତତ୍ତ୍ୱ, ଭାଷାବିଜ୍ଞାନ, ଇତିହାସ, ପ୍ରଶାସନ, ବିଜ୍ଞାନ ଏବଂ ଭକ୍ତି ସାହିତ୍ୟ ସମ୍ବଳିତ ପୁସ୍ତକ ରହିଛି । ଗ୍ରନ୍ଥ କୁଟିରରେ ୧୧ଟି ଭାରତୀୟ ଭାଷାରେ ପ୍ରସ୍ତୁତ ଦେଶର ସମ୍ବିଧାନର ପ୍ରତିଲିପି ମଧ୍ୟ ରଖାଯାଇଛି । ଗ୍ରନ୍ଥ କୁଟିରର ଉଦ୍ଦେଶ୍ୟ ହେଉଛି, ଦେଶବାସୀଙ୍କ ମଧ୍ୟରେ ଭାରତର ଅମୂଲ୍ୟ ସାଂସ୍କୃତିକ ଭାଷା ସାହିତ୍ୟର ଐତିହ୍ୟକୁ ପ୍ରସାର କରିବା ।

ଏହି ଅବସରରେ ସମ୍ବୋଧନ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଦେଶର ଅନନ୍ୟ ଭାଷାଗୁଡ଼ିକର ଶ୍ରେଷ୍ଠ କୃତିଗୁଡ଼ିକୁ ସଂଗ୍ରହ କରି ସ୍ଥାନିତ କରିବା ହେଉଛି ଗ୍ରନ୍ଥ କୁଟିରର ଉଦ୍ଦେଶ୍ୟ । ରାଷ୍ଟ୍ରପତି କହିଛନ୍ତି, ଆଧୁନିକ ଭାରତୀୟ ଭାଷାଗୁଡ଼ିକର ବିକାଶ ଦିଗରେ ଏହି ଗ୍ରନ୍ଥଗୁଡ଼ିକର ଅନନ୍ୟ ଭୂମିକା ରହିଛି । ସେ କହିଛନ୍ତି, ବିଭିନ୍ନ ଭାରତୀୟ ଭାଷାରେ ବିଜ୍ଞାନ, ଯୋଗ, ଆର୍ୟୁବେଦ ଏବଂ ସାହିତ୍ୟ ଶତାବ୍ଦୀ ଶତାବ୍ଦୀ ଧରି ବିଶ୍ୱକୁ ଦିଗ୍‌ଦର୍ଶନ ଦେଇଆସିଛି । ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅନ୍ତତଃ ପକ୍ଷେ ଗୋଟିଏ ଭାରତୀୟ ଭାଷାକୁ ସ୍ଥାନିତ କରିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି ।

# ପାକ୍-ବ୍ଲାଷ୍ଟ

ପାକିସ୍ତାନର ଖାଇବର ପଖତୁଆଁ ଅଞ୍ଚଳରେ ଗତ ରାତିରେ ବିସ୍ଫୋରଣ ଘଟି ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ ଜଣ ଗୁରୁତର ଆହତ ହୋଇଛନ୍ତି । ସେଠାକାର ଜଣେ ଶାନ୍ତି କମିଟି ସଦସ୍ୟଙ୍କ ବାସଭବନରେ ବିବାହ ଉତ୍ସବ ସମୟରେ ଆତ୍ମଘାତି ବିସ୍ଫୋରଣ ଯୋଗୁଁ ଏଭଳି ଘଟିଥିବା କୁହାଯାଇଛି । ସ୍ଥାନୀ ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶାନ୍ତି କମିଟିର ମୁଖ୍ୟ ନୁର୍ ଆଲମ୍ ମେହେସୁଦ୍‌ଙ୍କ ବାସଭବନରେ ଆକ୍ରମଣ କରାଯାଇଥିଲା । ଅତିଥିମାନେ ନୃତ୍ୟ କରୁଥିବା ସମୟରେ ଆତ୍ମଘାତି ବିସ୍ଫୋରଣରେ ସମ୍ପୃକ୍ତ ବାସଗୃହର ଛାତ ଭୁଶୁଡ଼ି ପଡ଼ିଥିଲା । ଫଳରେ ଲୋକମାନେ ଛାତତଳେ ଚାପି ହୋଇଯାଇଥିଲେ । ଏହି ବିସ୍ଫୋରଣରେ ଅନ୍ୟ ଜଣେ ଶାନ୍ତି କମିଟି ନେତା ୱାହିଦୁଲ୍ଲା ମେହେସୁଦ୍‌ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

# ପ୍ରଗତି-ସ୍ପେଶାଲ ଷ୍ଟୋରୀ

ପ୍ରଧାନମନ୍ତ୍ରୀଙ୍କ ସକ୍ରିୟ ଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରମୁଖ ମଞ୍ଚ ପ୍ରଗତି ଏହାର ୫୦ତମ ବୈଠକର ସଫଳ ପରିଚାଳନା

କରିଛି । ୨୦୧୫ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ, ପ୍ରଗତି ମଞ୍ଚରେ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ବାସ୍ତବ-ସମୟ ତଦାରଖ ଏବଂ ସମାଧାନ କରି ସଫଳତା ହାସଲ କରିଛି। ଆଜି ଆସନ୍ତୁ ଏହି ବିଶେଷ ଶୃଙ୍ଖଳାରେ ଜାଣିବା ଛତିଶଗଡ଼ର ୩୦ ନମ୍ବର ଜାତୀୟ ରାଜପଥର ରାୟପୁର–କୋଡେବୋଡ଼ ଖଣ୍ଡର ଚାରି ଲେନ୍ ସମ୍ପର୍କରେ ।

କେନ୍ଦ୍ରୀୟ ଛତିଶଗଡ଼ର ୩୦ ନମ୍ବର ଜାତୀୟ ରାଜପଥ ୪୩ କିଲୋମିଟର ଲମ୍ବ ରାୟପୁର-କୋଡେବୋଡ଼ ଅଂଶକୁ ୪ ଲେନ୍ ବିଶିଷ୍ଟ କରିବା ଆଧୁନିକ ସଡ଼କ ନିର୍ମାଣର ପ୍ରତୀକ । ଜାତୀୟ ରାଜପଥ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଏନ୍.ଏଚ୍.ଏ.ଆଇ. ପକ୍ଷରୁ ଏହି ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ୨୦୧୬ ସେପ୍ଟେମ୍ବର ମାସରେ ୯୮୭ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ତେବେ ପ୍ରକଳ୍ପ କାର୍ଯ୍ୟକାରି କରିବା ସମୟରେ ଆନୁସଙ୍ଗୀକ ସାମଗ୍ରୀ ଯୋଗାଣରେ ସମସ୍ୟା ସହ ଆନ୍ତଃ ମନ୍ତ୍ରଣାଳୟ ସମନ୍ୱୟର ଅଭାବ ଯୋଗୁଁ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରଗତି ମଞ୍ଚରେ ୨୦୨୩ ଫେବୃୟାରୀରେ ଏହାର ସମୀକ୍ଷା କରାଯାଇଥିଲା । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସମେତ ଶକ୍ତି ଓ ପ୍ରତିରକ୍ଷା

ମନ୍ତ୍ରଣାଳୟ, ଏନ୍.ଟି.ପି.ସି., ଡି.ଆର୍.ଡି.ଓ. ଓ ରାଜ୍ୟ ସରକାରଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା । ଫଳରେ ସେହି ବର୍ଷ ଜୁନ୍ ୨୦ ତାରିଖ ଦିନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ସଫଳତା ମିଳିଥିଲା । ପ୍ରଗତି ମଞ୍ଚ ଏହି ପ୍ରକଳ୍ପରେ ଦେଖାଦେଇଥିବା ସମସ୍ୟାଗୁଡ଼ିକର ସମାଧାନ କରି ଉନ୍ନତ ଭିତ୍ତିଭୂମି ସ୍ଥାପନ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

## କ୍ରିକେଟ୍-ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଅଙ୍କତାଲିକାର ଶୀର୍ଷରେ ଥିବା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚତୁର୍ଥ ସ୍ଥାନରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଆଜି ସନ୍ଧ୍ୟାରେ ଭଦୋଦରା ଠାରେ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଟା ୩୦ ମିନିଟ୍ ସମୟରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବତନ ଚମ୍ପିୟାନ୍ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁର ନେତୃତ୍ୱ ନେଉଥିବା ସ୍ମୃତି ମନ୍ଧାନା ଦଳର ଆଜି କ୍ରମାଗତ ଷଷ୍ଠ ବିଜୟ ହାସଲ କରିବା ଲାଗି ଉଦ୍ୟମ କରିବେ ।

# କ୍ରିକେଟ୍-ଟି-ଟ୍ୱେଣ୍ଟି

ରାୟପୁର ଠାରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ଏହି ବିଜୟ ହାସଲ ପରେ ଭାରତ ୫ଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ରେ ୨-୦ରେ ଅଗ୍ରଣୀ ରହିଛି । ୨୦୯ରନ୍ ବିଜୟ ଲକ୍ଷ୍ୟର ପିଛା କରି ଭାରତ ୧୫ ଓଭର ୨ଟି ବଲ୍‌ରେ ୩ ୱିକେଟ୍ ହରାଇ ଆବଶ୍ୟକ ସ୍କୋର କରିଥିଲା । ସୂର୍ଯ୍ୟ କୁମାର ଯାଦବ ୩୭ଟି ବଲ୍‌ରେ ଅପରାଜୟ ୮୨ରନ୍ କରିଥିବା ବେଳେ ଇଶାନ୍ କିଶନ୍ ୩୨ଟି ବଲ୍‌ରୁ ୭୬ରନ୍ ସଂଗ୍ରହ କରିଥିଲେ । ଶିବମ ଦୁବେ ମଧ୍ୟ ୧୮ଟି ବଲ୍‌ରେ ୩୬ରନ୍ ସ୍କୋର କରିଥିଲେ । ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୨୦୮ରନ୍ ସ୍କୋର କରିଥିଲା । କୁଲଦୀପ ଯାଦବ ୨ଟି ୱିକେଟ୍ ନେଇଥିବାବେଳେ ହାର୍ଦ୍ଦିକ ପାଣ୍ଡିଆ, ହର୍ଷିତ ରାଣା, ଶିବମ ଦୁବେ ଏବଂ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଇଶାନ୍ କିଶନ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଏହି ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତାକାଲି ଗୁଆହାଟୀଠାରେ ଖେଳାଯିବ ।